# ସତ୍ୟବାଣୀ

## THE VOICE OF TRUTH

**September & October, 1997**

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

**Vol. 2 Sep & Oct, 1997 No. 5**

Published every two months in Oriya Language for the Restoration of pure New Testament Christianity

**FREE! FREE!! FREE!!**

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟବାଣୀ

# VOICE OF TRUTH

**Vol. 10** **KAKINADA** **SEPT. OCT.**


## ଶେଷ କାଳ

### ( The Last days )

ଶେଷ କାଳ ବିଷୟରେ ଭବବାଦୀ ଯିଶାଇୟ ବ୍ୟକ୍ତ କଲେ 'ଶେଷ କାଳରେ ଏ ରୂପେ ଘଟିବ ସଦାପ୍ରଭୁଙ୍କ ଗୃହର ପର୍ବତ, ପର୍ବତଗଣର ଶିଖର ଉପରେ ସ୍ଥାପିତ ହେବ। ଆଉ ସମୁଦାୟ ଗୋଷ୍ଠୀ ନ ସ୍ରୋତପର ତହିଁ ମଧ୍ୟକୁ ବହି ଆସିବେ। ପୁଣି, ଅନେକ, ଯାଉଁ ଯାଉଁ କହିବେ, ତୁମ୍ଭେମାନେ ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ପର୍ବତକୁ, ଯାକୁବର ପରମେଶ୍ୱରଙ୍କ ଗୃହକୁ ଯାଉଁ, ତହିଁରେ ସେ ଆପଣା ପଥ ବିଷୟ ଆମ୍ଭମାନଙ୍କୁ ଶିକ୍ଷା ଦେବେ ଓ ଆମ୍ଭେମାନେ ତାହାଙ୍କ ମାର୍ଗରେ ଗମନ କରିବା, କାରଣ ସିୟୋନଠାରୁ ବ୍ୟବସ୍ଥା ଓ ଯିରୂଶାଲମଠାରୁ ସଦାପ୍ରଭୁଙ୍କର ବାକ୍ୟ ନିର୍ଗତ ହେବ। ଯିଶାଇୟ ୨ : ୨-୩ )। ଏହି ଭବବାଣୀ ମୀଖା ୪ : ୧-୨ ପଦଗୁଡ଼ିକରେ ମଧ୍ୟ ପଢ଼ିପାରୁ।

ଏହି ଭବବାଣୀର ସଫଳତା ଆମ୍ଭେମାନେ ନୂତନ ନିୟମର ପ୍ରେରିତମାନଙ୍କ ବିବରଣର ପୁସ୍ତକର ଦ୍ୱିତୀୟ ଅଧ୍ୟାୟରେ ପଢ଼ିପାରୁ। ଯୀଶୁଖ୍ରୀଷ୍ଟଙ୍କ ଆଦେଶାନୁଯାୟୀ ପ୍ରେରିତମାନେ ପେଣ୍ଟେକଷ୍ଟ ଦିନରେ ଯିରୂଶାଲମରେ ଅପେକ୍ଷାରେ ରହିଥିଲେ। ( ଲୂକ ୨୪ : ୪୪-୪୯ ) ଯୋହନ ୧୪ : ୨୬ ପଦରେ ପ୍ରତିଜ୍ଞାନୁଯାୟୀ ସେମାନେ ପବିତ୍ରଆତ୍ମାଙ୍କ ଶକ୍ତିରେ ପୂର୍ଣ୍ଣ ହୋଇ ବିଭିନ୍ନ ଭାଷାରେ କଥା କହିବାକୁ ଲାଗିଲେ ସେ ଦିନରେ ଆକାଶତଳର ପ୍ରତ୍ୟେକ ଭାଷାବାଦୀ ଯିହୁଦୀମାନେ

ଆପଣା ଆପଣା ଭାଷାରେ ସେମାନଙ୍କୁ କଥା କହିବା ଦେଖି ଆଚମ୍ଭିତ ହେଲେ । 'କିନ୍ତୁ ପିତର କହିଲେ - ଏକାଦଶଙ୍କ ସହିତ ଠିଆ ହୋଇ ଉଚ୍ଚ ସ୍ୱରରେ ସେମାନଙ୍କ ନିକଟରେ ବକ୍ତୃତା କରି କହିଲେ, 'ହେ ଯିହୁଦୀ ଲୋକେ ଓ ଯିରୂଶାଲମ ନିବାସୀ ସମସ୍ତେ ଆପଣମାନେ ଏହା ଜ୍ଞାତ ହୁଅନ୍ତୁ ଓ ମୋହର କଥାରେ କର୍ଣ୍ଣପାତ କରନ୍ତୁ, କାରଣ ଆପଣମାନେ ଯେପରି ମନେ କରୁଅଛନ୍ତି । ଏମାନେ ସେପରି ମାତାଲ ନୁହନ୍ତି, ଯେଣୁ ବର୍ତ୍ତମାନ ସମୟ ସକାଳ ନଅ ଘଣ୍ଟା ମାତ୍ର । କିନ୍ତୁ ମୋୟେଲ ଭବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛି । ଏ ସେହି ଘଟଣା ଈଶ୍ୱର କହନ୍ତି ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା । ସେଥିରେ ତୁମ୍ଭମାନଙ୍କର ପୁତ୍ରକନ୍ୟାମାନେ ଭାବବାଣୀ କହିବେ । ଆଉ ତୁମ୍ଭମାନଙ୍କର ଯୁବମାନେ ଦର୍ଶନ ପାଇବେ, ପୁଣି ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ । ( ପ୍ରେରିତ ୨ : ୧୪-୧୭ ) ।

ଏବ୍ରୀ ପୁସ୍ତକ କର୍ତ୍ତା ଆପଣା ଲେଖାରେ ଏପରି ଭାବରେ ଆରମ୍ଭ କରନ୍ତି । 'ଈଶ୍ୱର ପୂର୍ବକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷ କାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ । ( ଏବ୍ରୀ ୧ : ୧-୨ ) । ଶେଷ କାଳ ବିଷୟରେ ପ୍ରେରିତ ପାଉଲ, ତୀମଥିକୁ ଲେଖନ୍ତି । 'କିନ୍ତୁ ଏହା ଜାଣି ଥାଅ ଯେ, ଶେଷକାଳରେ ଭୀଷଣ ସମୟ ଉପସ୍ଥିତ ହେବ, କାରଣ ଲୋକମାନେ ଆତ୍ମପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଂକାରୀ, ନିନ୍ଦକ ପିତାମାତାଙ୍କ ଅବାଧ୍ୟ, ଅକୃତଜ୍ଞ, ଅପବିତ୍ର, ସ୍ନେହଶୂନ୍ୟ, ଅମିଳନ ପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ପ୍ରଚଣ୍ଡ, ଉତ୍ତମ ବିଷୟର ଘୃଣାକାରୀ ବିଶ୍ୱାସଘାତକ, ଦୁଃସାହସୀ, ଦାମ୍ଭିକ ହେବେ ଓ ଈଶ୍ୱର ପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ । ସେମାନେ ଭକ୍ତିର ବେଶ ଧରନ୍ତି, କିନ୍ତୁ ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି । ଏପରି ଲୋକମାନଙ୍କ ଠାରୁ ଅନ୍ତର ହୁଅ । ( ୨ ତୀମଥି ୩ : ୧-୫ ) ।

ଉପରୋକ୍ତ ବାକ୍ୟମାଳାରୁ ଶେଷ କାଳର କେତୋଟି ମୌଳିକ ବାସ୍ତବତା ସୃଷ୍ଟି ହୁଏ । ପ୍ରଶ୍ନ ହେଲା ଏହି ଶେଷ କାଳର ଆରମ୍ଭ କେବେ ? ପରିବ୍ୟାପ୍ତିର ସମୟ କେବେ ? ଶେଷ କାଳର ଅନ୍ତ କେବେ ?

ପୁରାତନ ନିୟମର ଲେଖକ ଗଣ 'ଶେଷ କାଳ ଆରମ୍ଭ ହେବ' ବୋଲି ଉଲ୍ଲେଖିତ କରିଥିବାରୁ, ସେମାନଙ୍କ ସମୟରେ ତାହା ଆରମ୍ଭ ହୋଇ ନ ଥିଲା ବୋଲି ଜାଣିପାରୁ । ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ପରରରେ ଲେଖାଗୁଡ଼ିକ ଶେଷ କାଳର ଅସ୍ତିତ୍ୱ ବିଷୟ ସୁସ୍ପଷ୍ଟ କରେ । ପେଣ୍ଟିକଷ୍ଟ ଦିନର ପ୍ରଥମ ସୁସମାଚାର ପ୍ରସଙ୍ଗରେ ପିତର ପେଯେଲ ଭାବବାଦୀଙ୍କ ଶେଷ କାଳର ଭବିଷ୍ୟତ ବାଣୀ ଉଲ୍ଲେଖ କରି ଶେଷକାଳର ସଦାପ୍ରଭୁ ଆପଣା ଆତ୍ମା ଅମ୍ଭମାନଙ୍କ ଉପରେ ଢାଳି ଦେବାର ପ୍ରତିଜ୍ଞା ସ୍ମରଣ କରନ୍ତି । ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ମରଣ ସମାଧି ଓ ପୁନରୁତ୍ଥାନ ପରେ ଶେଷ କାଳର ଆରମ୍ଭ ହୋଇଅଛି । ଏହି ଯୁଗର ପୂର୍ବରୁ କୁଳପତି ମାନଙ୍କ ଯୁଗ ଓ ମୋଶାଙ୍କ ବ୍ୟବସ୍ଥାର ଯୁଗ ପ୍ରଚଳନରେ ଥିଲା । ଏହି ଶେଷ କାଳ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ସମୟରୁ ଆରମ୍ଭ ହୋଇ ତାହାଙ୍କ ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ପ୍ରଚଳନରେ ଥିବ । ଅର୍ଥାତ୍ ଏବେ ଆମ୍ଭେମାନେ ସେହି ଶେଷ କାଳରେ ଜୀବନ ଯାପନ କରୁଅଛୁ !

ଶେଷକାଳରେ ଘଟିଥିବା ଆଉ କେତୋଟି ବିଶିଷ୍ଟ ବିଷୟ— ଏହି କାଳର ପ୍ରାରମ୍ଭରେ ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇ ଥିଲେ । ପ୍ରଥମ ସୁସମାଚାର ପ୍ରସଙ୍ଗ ପିତରଙ୍କ ଦ୍ୱାରା ଖ୍ରୀ : ଜ ୩୩ ମସିହାରେ ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ପ୍ରକଟିତ ହୋଇଥିଲା । ମଣ୍ଡଳୀର ସ୍ଥାପନ ହୋଇଥିଲା । ଏହି ଶେଷ କାଳରେ ସଦାପ୍ରଭୁ ଆପଣା ପୁତ୍ରଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହନ୍ତି । ଏହି କାଳରେ ନୂତନ ନିୟମ ମାନବ ଜାତିକୁ ଲିଖିତଭାବେ ଦତ୍ତ ହୋଇଅଛି । ଏହି କାଳର ଅନ୍ତରେ ଯୀଶୁଖ୍ରୀଷ୍ଟଙ୍କ ଆଗମନ ହେବ ।

ଏହି କାଳରେ ଲୋକେ ଈଶ୍ୱର ପରିପୂର୍ଣ୍ଣ ଜୀବନ ଯାପନ ନକରି ଇହଲୋକ ସମ୍ବନ୍ଧୀୟ ଭୋଗ ବିଳାସର ଅନୁଗାମୀ ହେବେ ବୋଲି ପାଉଲ ଆପଣା ଲେଖନୀ ଦ୍ୱାରା ପ୍ରକଟ କରନ୍ତି । ପାପୀ ମନୁଷ୍ୟର ଏକମାତ୍ର ମାର୍ଗ ସୁସମାଚାରର ଅଜ୍ଞାବହ ହେବ । ତାହାଙ୍କ ସୁସମାଚାରର ଆଜ୍ଞାବହ ପ୍ରତ୍ୟେକ ତାହାଙ୍କ ପରିବାରର ସଭ୍ୟ ହେବାର ସୁଯୋଗ ପାଇଥାନ୍ତି ।

ଯୀଶୁଖ୍ରୀଷ୍ଟଙ୍କ ଆଗମନର ପୂର୍ବରୁ କେବଳ କେତୋଟି ଦିନ ହିଁ 'ଶେଷ କାଳ' ବୋଲି ଅନେକଙ୍କ ମନୋଭାବ । କିନ୍ତୁ ଏହି 'ଶେଷ କାଳ' ଦୁଇ ହଜାର ବର୍ଷ ପୁରୁଣା ଏବଂ ତାହାର ଅନନ୍ତ କେବେ ହେବ ପିତା ପରମେଶ୍ୱରଙ୍କ ବ୍ୟତୀତ ଯୀଶୁଖ୍ରୀଷ୍ଟଙ୍କ ମଧ୍ୟ ଅଜ୍ଞାତ ଅଟନ୍ତି । ସେ ଆଜି ଆସିପାରନ୍ତି । କାଲି ଆସିପାରନ୍ତି, କିଅବା ଶହେ ବର୍ଷ ପରେ ଆସିବେ ତାହା କେବଳ ପିତା ଈଶ୍ୱରଙ୍କ ଇଚ୍ଛାଧୀନ ( ମାଥିଉ ୨୪ : ୩୬ ) । ଏହି ଶେଷକାଳର ଦିନ ସଂଖ୍ୟା । ଅନନ୍ତ କାଳ ( Enternity ) ଠାରୁ କମ୍ ଥିବାରୁ ଆମ୍ଭେମାନେ ଏହି ଅଳ୍ପ ଦିନ ମଧ୍ୟରେ ସେହି ଅନନ୍ତ ଜୀବନ ନିମନ୍ତେ ସୁପ୍ରସ୍ତୁତ ହେଉ । ଏହି ଶେଷ କାଳରେ ଅନ୍ତରରେ ଆକାଶ ମଣ୍ଡଳ ଓ ପୃଥିବୀ ବିନଷ୍ଟ ହେବ ଏବଂ ବିଚାରରେ ଦୋଷୀକୃତ ପ୍ରତ୍ୟେକ ଅନନ୍ତ ଅଗ୍ନିକୁଣ୍ଡରେ ନିକ୍ଷିପ୍ତ ହେବ । ଧାର୍ମିକଗଣ ଅନନ୍ତକାଳୀନ ପିତାଙ୍କ ରାଜ୍ୟରେ ବାସ କରିବେ । ଏହି ଶେଷ କାଳର ଅଳ୍ପଦିନରେ ଜ୍ଞାନ ସହିତ ଏହି ଜଗତରେ ଜୀବନ ଯାପନ କଲେ ଅନନ୍ତକାଳ ପ୍ରଭୁଙ୍କ ସହିତ ବିତାଇବାର ସୌଭାଗ୍ୟ ଲାଭ କରି ପାରିବା ।

—J. C. Choate

# 'ମୋତେ ଏହି ପର୍ବତ ଦିଅ'

## ( Give me this mountain )

ଯର୍ଦ୍ଦନ ନଦୀର ପୂର୍ବାସ୍ଥାନ ଉପରେ ରୁବେନ, ଗାଦ ଓ ମନଃଶିର ଅର୍ଦ୍ଧବଂଶ ଅଧିକାର କରିଥିଲେ, ତାହାର ବିବରଣ ଆମ୍ଭେମାନେ ଯିହୋଶୂୟ ୧୨ : ୧-୬ ପଦଗୁଡ଼ିକରେ ପଢ଼ିପାରୁ । ଏଠାରେ ଉଲ୍ଲିଖିତ କିନ୍ନେରତ ନଦୀ ନୂତନ ନିୟମରେ 'ଗାଲିଲୀର ସମୁଦ୍ର' ରୂପେ ପରିଚିତ । ୭ମ-୧୮ମ ପଦଗୁଡ଼ିକରେ ଇସ୍ରାଏଲ ସନ୍ତାନମାନଙ୍କ ଦକ୍ଷିଣାଞ୍ଚଳର ବିଜୟ ଓ ୧୯-୨୪ ପଦଗୁଡ଼ିକରେ ଉତ୍ତରାଞ୍ଚଳରେ ବିଜୟର କାହାଣୀଗୁଡ଼ିକ ବର୍ଣ୍ଣନା କରାଯାଇ ଅଛି । ସର୍ବମୋଟ ଏକତିରିଶ ରାଜା ଇସ୍ରାଏଲୀୟମାନଙ୍କ ଦ୍ୱାରା ପରାଜିତ ହୋଇ ଥିଲେ ।

ଯିହୋଶୂୟ ତ୍ରୟୋଦଶ ଅଧ୍ୟାୟରେ, କିଣାନ ଦେଶ କିପରି ଭାବେ ଇସ୍ରାଏଲ ଗୋଷ୍ଠୀଗଣ ମଧ୍ୟରେ ବିଭକ୍ତ ହୋଇଥିଲା ଲିଖିତ ହୋଇଅଛି । ୨ମ-୩ମ ପଦଗୁଡ଼ିକରେ ସେମାନେ ଅଧିକାର କରି ନଥିବା ଦକ୍ଷିଣାଞ୍ଚଳର ନାମଗୁଡ଼ିକ ୪ମ-୬ମ ପଦଗୁଡ଼ିକରେ ଅଧିକାର କରି ନଥିବା ଉତ୍ତରାଞ୍ଚଳର ଗୁଡ଼ିକର ନାମ ଉଲ୍ଲେଖ କରାଯାଏ । ୬ମ ପଦରେ ସଦାପ୍ରଭୁଙ୍କ ପ୍ରତିଜ୍ଞା ପ୍ରମାଣେ ଯଦି ଇସ୍ରାଏଲ ବିଶ୍ୱସ୍ତ ଓ ଆଜ୍ଞାବହ ହୋଇଥାନ୍ତେ, ତେବେ କିଣାନୀୟମାନଙ୍କୁ କିଣାନ ଦେଶରୁ ଛାଡ଼ ଦେବାକୁ ସମର୍ଥ ହୋଇ ପାରିଥାନ୍ତେ । କିନ୍ତୁ ସେମାନଙ୍କ ଅନାଜ୍ଞାବହତା ଫଳେ ଇସ୍ରାଏଲମାନେ କିଣାନୀୟମାନଙ୍କୁ ସମ୍ପୂର୍ଣ୍ଣ ରୂପେ ତାଡ଼ି ଦେବାରେ ସମର୍ଥ ନ ହୋଇ, ବରଂ ସେମାନଙ୍କ ଦୁଷ୍ଟତାର ପ୍ରଭାବିତ ହୋଇଥିଲେ । ଗଣନା ୩୨ ପର୍ବ ଓ ଦ୍ୱି : ବି ୩ ପର୍ବରେ ମୋଶାଙ୍କ ଆଜ୍ଞାନୁଯାୟୀ ରୂବେନ, ଗାଦ ଓ ମନଃଶିର ଅର୍ଦ୍ଧବଂଶ କିପରି ଦେଶାଧିକାର କରିଥିଲେ ତାହାର ବିବରଣ ତ୍ରୟୋଦଶ ଅଧ୍ୟାୟର ଅବଶିଷ୍ଟାଂଶ ଭାଗରେ ପଢ଼ିପାରୁ ।

ଗଣନା ୩୩ : ୫୦-୫୬ ପଦଗୁଡ଼ିକରେ ମୋଶାଙ୍କ ଆଦେଶ ଅନୁଯାୟୀ କପର କିଣାନ ଦେଶ ଇଶ୍ରାୟେଲର ନଅଟି ଓ ମନଃଶିର ଓ ନେକା ଅର୍ଦ୍ଧବଂଶ ମଧ୍ୟରେ ବାଣ୍ଟି ଦିଆଯାଇ ଥିଲା ତାହା ଯିହୋଶୂୟ ୧୪ : ୧-୫ ପଦଗୁଡ଼ିକରେ ପଢ଼ି ପାରୁ । ଏହା ଗୁଳିବାଣ୍ଟ ଦ୍ୱାରା ବିଭକ୍ତ କରାଯାଇଥିଲା ଏବଂ ଲୋକ ସଂଖ୍ୟା ଅଧିକ ଥିବା ଗୋଷ୍ଠୀ ବିରାଟ ଅଞ୍ଚଳରେ ଏବଂ ଅପେକ୍ଷାକୃତ ଛୋଟ ଗୋଷ୍ଠୀ ଛୋଟ ଅଞ୍ଚଳର ଅଧିକାର କରିଥିଲେ । କାରଣ ବାକ୍ୟ କହେ 'ଗୁଳିବାଣ୍ଟ କୋଳରେ ପକାଯାଏ, ମାତ୍ର ତହିଁରେ ନିଷ୍ପତ୍ତି ସଦାପ୍ରଭୁଙ୍କ ଠାରୁ ହୁଏ । ( ହିତ ୧୬ : ୩୩ ) । ଲେବୀ ବଂଶ କୌଣସି ଅଧିକାର ପାଇଲେ ନାହିଁ । କାରଣ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ସେମାନଙ୍କ ପ୍ରତି ଆପଣା ବାକ୍ୟାନୁସାରେ ସେମାନଙ୍କ ଅଧିକାର ଅଟନ୍ତି । ଯାକୁବ ଯୋସେଫଙ୍କ ଦୁଇ ପୁତ୍ର ଇଫ୍ରୟିମ ଓ ମନଃଶିଙ୍କୁ ଦତ୍ତପୁତ୍ର ରୂପେ ଗ୍ରହଣ କରିଥିବାରୁ ଯୋସେଫ କିଣାନ ଦେଶରେ ଦ୍ୱିଗୁଣ ଜନ୍ମାଧିକାର ପାଇଥିଲେ । ( ଆଦି ୪୮ ଅଧ୍ୟାୟ ) ।

ଦେଶ ବିଭାଗର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବେ ସଦାପ୍ରଭୁ କାଲେବଙ୍କୁ କରିଥିବା ପ୍ରତିଜ୍ଞା ବିଷୟରେ କାଲେବ ଯିହୋଶୂୟଙ୍କୁ ସ୍ମରଣ କରାନ୍ତି । ( ଗଣନା ୧୪ : ୨୧-୨୪, ଦ୍ୱି : ବିବ ୧ ୩୫-୩୬ ମୋହର ଚାଳିଶ ବର୍ଷ ବୟସରେ ସଦାପ୍ରଭୁଙ୍କ ସେବକ ମୋଶା ଦେଶ ଅନୁସନ୍ଧାନ କରିବା ପାଇଁ କାଦେଶ ବର୍ଣ୍ଣେୟ ଠାରୁ ମୋତେ ପଠାଇ ଥିଲେ । ତହିଁରେ ମୁଁ ଆପଣା ମନରେ ଯାହା ଥିଲା ତଦନୁସାରେ ତାଙ୍କୁ ସମ୍ବାଦ ଆଣି ଦେଲି । ତଥାପି ମୋହର ଯେଉଁ ଭ୍ରାତୃଗଣ ମୋହର ସଙ୍ଗେ ଯାଇଥିଲେ, ସେମାନେ ଲୋକମାନଙ୍କ ହୃଦୟ ତରଳାଇ ପକାଇଲେ, ମାତ୍ର ମୁଁ ସମ୍ପୂର୍ଣ୍ଣ ରୂପେ ସଦାପ୍ରଭୁ ମୋର ପରମେଶ୍ୱରଙ୍କର ଅନୁଗ୍ରହ ହେଲି । ଏହେତୁ ମୋଶା ସେଦିନ ଶପଥ କରି କହିଲେ । ଯେଉଁ ଭୂମିରେ ତୁମ୍ଭର ପାଦ ପଡ଼ିଅଛି ତାହା ଅବଶ୍ୟ ତୁମ୍ଭର ଓ ଯୁଗାନୁକ୍ରମେ ତୁମ୍ଭ ସନ୍ତାନଗଣର ଅଧିକାର ହେବ ଯେହେତୁ ତୁମ୍ଭେ ସମ୍ପୂର୍ଣ୍ଣ ରୂପେ ସଦାପ୍ରଭୁ ଆମ୍ଭ ପରମେଶ୍ୱରଙ୍କ ଅନୁଗତ ହୋଇଅଛ ! ଏହେତୁ ସେଦିନ ଏହି ଯେଉଁ ପର୍ବତ

ବିଷୟରେ ସଦାପ୍ରଭୁ କହିଥିଲେ, ତାହା ମୋତେ ଦିଅ, କାରଣ ଅନାକୀୟମାନେ ସେଠାରେ ଥାନ୍ତି ଓ ନଗରମାନ ବୃହତ୍ ଓ ପ୍ରାଚୀର ବେଷ୍ଟିତ ଏହା ତୁମ୍ଭେ ସେଦିନ ଶୁଣିଥିଲ, ହୋଇପାରେ ସଦାପ୍ରଭୁ ମୋହର ସଙ୍ଗରେ ହେବେ, ପୁଣି ମୁଁ ସଦାପ୍ରଭୁଙ୍କ ବାକ୍ୟାନୁସାରେ ସେମାନଙ୍କୁ ତଡ଼ି ଦେବ । ଏଥିରେ ଯିହୋଶୂୟ ତାହାଙ୍କୁ ଆଶୀର୍ବାଦ କଲେ ପୁଣି ସେ ଯିଫୁନ୍ନିର ପୁତ୍ର କାଲେବଙ୍କୁ ଅଧିକାରାର୍ଥେ ହିବ୍ରୋଣ ଦେଲେ । ଏହେତୁ ଆଜି ପର୍ଯ୍ୟନ୍ତ ହିବ୍ରୋଣ କନସୀୟ ଯିଫୁନ୍ନିର ପୁତ୍ର କାଲେବଙ୍କର ଅଧିକାର ହୋଇଅଛି, ଯେହେତୁ ସେ ସମ୍ପୂର୍ଣ୍ଣ ରୂପେ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କ ଅନୁଗତ ହୋଇଥିଲେ ପୂର୍ବକାଳରେ ଏହି ହିବ୍ରୋଣର ନାମ କିରୀୟ ଅର୍ବ (ଅର୍ବର ନଗର) ଥିଲା । ସେହି ଅର୍ବ ଅନାକୀୟମାନଙ୍କ ମଧ୍ୟରେ ସର୍ବ ପ୍ରଧାନ ଲୋକ ଥିଲା ଏ ଉତ୍ତାରୁ ଦେଶ ଯୁଦ୍ଧରୁ ବିଶ୍ରାମ ପାଇଲା । ଯିହୋଶୂୟ ୧୪ : ୧୦, ୧୨-୧୫ ) କାଲେବଙ୍କ ସଦୃଶ୍ୟ 'ସଦାପ୍ରଭୁ ଆମ୍ଭ ପରମେଶ୍ୱରଙ୍କର ଅନୁଗତ' ପ୍ରତ୍ୟେକ ତାହାଙ୍କ ସନ୍ତୋଷ ପାତ୍ର ହୋଇପାରି ଅଛନ୍ତି । ( ଏବ୍ରୀ ୧୧ : ୬, ୭-୧୦ ) ।

ଇଶ୍ରାୟେଲ ଗୋଷ୍ଠୀ ମିଶର ଦେଶରୁ ବାହାରି ଅଠତିରିଶି ବର୍ଷ ପର୍ଯ୍ୟନ୍ତ ପ୍ରାନ୍ତରରେ ଭ୍ରମଣ କରି କିଣାନ ଦେଶରେ ପଦାର୍ପଣ କରିଥିଲେ । ଏଠାରେ କାଲେବଙ୍କୁ ପଞ୍ଚାଅଶୀ ବର୍ଷ ହୋଇଥିବାରୁ ସେମାନଙ୍କୁ କିଣାନ ଅଧିକାର କରିବାକୁ ସାତବର୍ଷ ସମୟ ଲଗିଥିଲା ବୋଲି ଜାଣିପାରୁ ( ଦ୍ୱି : ବି ୨ : ୧୪-୧୫ ) ।

ପରମେଶ୍ୱରଙ୍କ ପ୍ରତ୍ୟେକ ଯୋଦ୍ଧା ସେମାନଙ୍କ ଉପରେ ଦିଆ ଯାଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ପରମେଶ୍ୱରଙ୍କ ଶକ୍ତି ଉପରେ ନିର୍ଭର କରିଥିଲେ । ( ୧ମ ଶାମୁୟେଲ ୧୭ : ୩୭, ୪୫-୪୭, ୨ୟ ତୀମଥି ୪ : ୧୭-୧୮ ପଦ ତୁଳନା କରନ୍ତୁ ) ପରମେଶ୍ୱରଙ୍କ ପ୍ରତ୍ୟେକ ଆଶୀଷ ପ୍ରତିଫଳ କାଲେବ ଅଠାଅଶୀ ବର୍ଷ ବୟସ ପର୍ଯ୍ୟନ୍ତ ବଳିଷ୍ଠ ଥିଲେ । ( ଯିହୋଶୂୟ ୧୪ : ୧୦ ) ପରମେଶ୍ୱରଙ୍କ ସହାୟତାରେ ଆମ୍ଭେମାନେ ଯେକୌଣସି କଠିନକାର୍ଯ୍ୟରେ

ମଧ୍ୟ ସଫଳତା ଲାଭ କରିପାରୁ ବୋଲି କାଲେବଙ୍କ ଦୃଷ୍ଟାନ୍ତରୁ ବୁଝି ପାରୁ । ( ଯିହୋଶୂୟ ୧୪ : ୧୨, ଯାକୁବ ୪ : ୧୩-୧୫, ରୋମୀୟ ୮ : ୩୧, ଫିଲିପ ୪ : ୧୩, ଏବ୍ରୀ ୧୩ : ୫ ୬ ) ପରମେଶ୍ୱରଙ୍କ ସହାୟତାରେ କାଲେବ ଓ ତାହାଙ୍କ ଜୋଇଁ ଅତ୍ନୀୟେଲ କିଣାଯାୟ-ମାନଙ୍କୁ ତୋଡ଼ କରିଥିଲେ-ସେପରି ଆକ୍ରମଣ କରି ହସ୍ତଗତ କରି ଇଶ୍ରାୟେଲମାନଙ୍କୁ ଏକ ଉତ୍ତମ ଦୃଷ୍ଟାନ୍ତ ସ୍ୱରୂପ ହୋଇପାରିଥିଲେ । ( ଯିହୋଶୂୟ ୧୪ : ୧୩-୧୫, ୧୫ : ୧୩-୧୯ ) ।

—Gary. C. Hampton.

# ଯିଶାଇୟ

## ( ISAIAH )

ଯିଶାଇୟ ଭବିଷ୍ୟତ୍‌ବକ୍ତାଙ୍କ ଦ୍ୱାରା ଲିଖିତ ପୁସ୍ତକରେ ତାହାଙ୍କ ବ୍ୟକ୍ତି ପରିଚୟ ବିନୁ ତାହାଙ୍କ ବିଷୟରେ ଆଉ ଅଧିକ କିଛି ଈଶ୍ୱରଙ୍କ ବାକ୍ୟ ଜଣାଏ ନାହିଁ । ଆମୋସଙ୍କ ପୁତ୍ର ଯିଶାଇୟ ବୋଲି ଯିଶାଇୟଙ୍କ ପରିଚୟ ଈଶ୍ୱରଙ୍କ ବାକ୍ୟରେ ୧୩ ଥର ଉଲ୍ଲେଖ କରାଯାଇଥିବାରୁ ଆମ୍ଭେମାନେ ଏକ ଗଣ୍ୟମାନ୍ୟ ବ୍ୟକ୍ତି ବୋଲି ବୁଝିପାରୁ ତାହାଙ୍କ ଦୁଇ ପୁତ୍ରଙ୍କ ନାମ ଶାର-ଯାଶୁବ ଓ ମହେରଶାଲଲହାଶବସ୍ ରଖି । ଦ୍ୱିତୀୟ ପୁତ୍ରଙ୍କ ନାମ ବାଇବଲର ଅନ୍ୟନାମଗୁଡ଼ିକ ମଧ୍ୟରୁ ସବୁଠାରୁ ଲମ୍ବା ନାମ ଯାହା ଆମ୍ଭେମାନେ ଯିଶାଇୟ ୭ : ୩ ଓ ୮ : ୩ ପଦରେ ପଢ଼ିପାରୁ ।

ଯିହୁଦାର ରାଜା ଉଷିୟ, ଯୋଥମ୍, ଆହସ ଓ ହିଜକିୟଙ୍କ ରାଜତ୍ୱ ସମୟରେ ସେ ଯିହୁଦା ଓ ଯିରୂଶାଲମ ଆଖପାଖରେ ପ୍ରାୟ ପଚାଶ ବର୍ଷରୁ ଅଧିକ ସମୟ ଭବିଷ୍ୟତ୍‌ବାଣୀ ପ୍ରଚାର କରିଥିଲେ । ଖ୍ରୀ : ପୂ ୭୪୦ ମସିହାରେ ସେ ଉଷିୟଙ୍କ ମୃତ୍ୟୁ ସମୟରେ ପ୍ରଥମ ଦର୍ଶନ ପାଇଥିଲେ । ସନ୍‌ହେରିବଙ୍କ ମୃତ୍ୟୁ ( ଖ୍ରୀ : ପୂ ୬୮୧ )

ତାହାଙ୍କ ଭବବାଣୀ ପ୍ରକଟନା ସମସ୍ତର ସୀମା ଥିଲା । ( ଯିଶାଇୟ ୩୭ : ୩୮ ) ଆହସ ରାଜାଙ୍କ ସମୟରେ ଆରାମ ଇସ୍ରାଏଲ ଯୁଦ୍ଧ ତାହାଙ୍କ ଜୀବନ କାଳର ଏକ ପ୍ରମୁଖ ଐତିହାସିକ ଘଟଣା । ( ଯିଶାଇୟ ୭ : ୧-୯ ) ।

ଆରାମ ଇସ୍ରାଏଲ ଓ ଅଶୂରମାନଙ୍କ ସହିତ ଘୋର ଯୁଦ୍ଧ ପରେ, ମହାପରାକ୍ରମୀ ବାବିଲ ସହିତ ଯିହୁଦା ଯୁଦ୍ଧ କରିଥିଲା । ତାହା ଆମ୍ଭେମାନେ ୪୦-୬୬ ପର୍ବ ଗୁଡ଼ିକରେ ପଢ଼ିପାରୁ । ଅନ୍ୟ ଭବିଷ୍ୟଦ୍ ବକ୍ତାମାନଙ୍କଠାରୁ ଶ୍ରେଷ୍ଠତର ସମ୍ମାନର କାରଣ ତାହାଙ୍କ ଭବବାଣୀ ୨୧ ଥର ନୂତନ ନିୟମରେ ଉଲ୍ଲେଖିତ କରାଯାଏ । ତାହାଙ୍କ ନାମ ଉଲ୍ଲେଖିତ କରିବା ବିନୁ ତାହାଙ୍କ ଭବବାଣୀ ୨୨ ଥର ନୂତନ ନୂତନ ନିୟମରେ ଉଲ୍ଲେଖିତ କରାଯାଇ ଅଛି । ତୃତୀୟରେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା ତାହାଙ୍କ ଲିଖିତ ଭବବାଣୀର କେତୋକାଂଶ ପଠନ ଓ ବିଶ୍ଳେଷଣ ଦ୍ୱାରା ପ୍ରାରମ୍ଭ ହୋଇଥିଲା । ( ଲୂକ ୪, ୧୮ ) ।

ପୁରାତନ ନିୟମର ଭବବାଣୀଗଣଙ୍କର ଭବବାଣୀ ସକଳ ତତ୍‌କାଳୀନ ସମାଜକୁ ହିଁ ବୁଝାଉଥିଲା ବୋଲି ଅନେକଙ୍କ ଭ୍ରମଧାରଣା ଯିଶାଇୟଙ୍କ ପୁସ୍ତକ ଦୂର କରେ । କାରଣ ତାହାଙ୍କ ଲିଖିତ ଅନେକ ଭବବାଣୀ ନୂତନ ନିୟମରେ ସଫଳ ହେବା ଆମ୍ଭେମାନେ ବାକ୍ୟରେ ପଢ଼ିପାରି ଥାଉଁ । ( ଯୋହନ ୧୨ : ୩୮-୪୦ ଓ ୫୩ : ୧ ତୁଳନା କରନ୍ତୁ ।

—George E. Goldman

# "ଆଉ ନଅଜଣ କାହାନ୍ତି ?"

## ( Where are the nine )

କୁଷ୍ଠରୋଗ ଏକ ଭୟଙ୍କର ଚର୍ମ ରୋଗ ଯାହାକି ପୂର୍ବ ଦେଶୀୟ ଲୋକଙ୍କୁ ଆକ୍ରାନ୍ତ କରେ । ପୂର୍ବ କାଳରେ ଏହି ରୋଗରୁ ସୁସ୍ଥ ହେବା ଅସମ୍ଭବ ଥିଲା । କୁଷ୍ଠୀମାନେ ସମାଜଚ୍ୟୁତ ହୋଇ ନଗରର ବାହାରେ ବାସ କରୁଥିଲେ ।

ଥରେ ଯୀଶୁଖ୍ରୀଷ୍ଟ ଦଶ ଜଣ କୁଷ୍ଠ ରୋଗୀଙ୍କୁ ସୁସ୍ଥ କରିଥିଲେ ସେମାନଙ୍କ ମଧ୍ୟରୁ କେବଳ ଜଣେ ଫେରି ଆସି ତାହାଙ୍କୁ କୃତଜ୍ଞତା ଜଣାଇଥିଲେ । ସେଥିରେ ଯୀଶୁ କହିଲେ, 'ତେବେ ନଅ ଜଣ କାହାନ୍ତି ? ଈଶ୍ୱରଙ୍କୁ ଗୌରବ ଦେବା ନିମନ୍ତେ ଏହି ବିଜାତି ଲୋକଟି ଛଡ଼ା କଅଣ ଆଉ କେହି ବାହୁଡ଼ି ଆସି ନାହିଁ ? ( ଲୂକ ୧୭ : ୧୮ ) ଅକୃତଜ୍ଞତା ମାନୁଷ୍ୟ ସମାଜର ଏକ ଭୟଙ୍କର ରୋଗ । 'ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶ ମାତ୍ର ବିକାର ନାହିଁ ।' ( ଯାକୁବ ୧ : ୧୭ ) । ତେଣୁକରି ଧନ୍ୟବାଦ କରୁ କରୁ ତାହାଙ୍କ ଦ୍ୱାରରେ ଓ ପ୍ରଶଂସା କରୁ କରୁ ତାହାଙ୍କ ପ୍ରାଙ୍ଗଣରେ ପ୍ରବେଶ କରୁ ।' ( ଗୀତ ୧୦୦ : ୪ ) ।

'ଈଶ୍ୱରଙ୍କ ଗୃହ ଉପରେ ନିଯୁକ୍ତ ଆମ୍ଭମାନଙ୍କର ଜଣେ ମହାନ ଯାଜକ' ( ଏବ୍ରୀ ୧୦ : ୨୧ ) ଦ୍ୱାରା 'ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ ତାହାଙ୍କ ନାମ ସ୍ୱୀକାରକାରୀ ଓଷ୍ଠାଧରର ଫଳ ଉତ୍ସର୍ଗ କରୁ ।' ( ଏବ୍ରୀ ୧୩ : ୧୫ ) ।

—G. F. Raines

# ଅନୁକରଣକାରୀ

## ( Being Like others )

ରାଜ ପ୍ରାସାଦର ଉନ୍ନତ ସିଂହଦ୍ୱାର ଦେଇ ଲୋକ ଗର୍ବରେ ପ୍ରବେଶ କରନ୍ତି । କିନ୍ତୁ ଲୋକେ ଯେପରି ଆପଣାକୁ ନମ୍ର କରନ୍ତି ଈଶ୍ୱରଙ୍କ ନଗରର ଦ୍ୱାର ଅବନତ କରାଯାଇଅଛି । ସିଂହଦ୍ୱାର ରାଜା ଆହସ ପ୍ରେମମୟ ପିତା ପରମେଶ୍ୱରଙ୍କ ଶକ୍ତି ଅଜ୍ଞାତ ଥିଲେ ସୁଦ୍ଧା, ଅନ୍ୟାନ୍ୟ ରାଜଗଣ ସଦୃଶ୍ୟ ଇଶ୍ରାୟେଲ ରାଜ୍ୟ ୧୬ ବର୍ଷ ରାଜ୍ୟକଲେ ସେ ଈଶ୍ରାୟେଲର ଅନ୍ୟ ରାଜାଗଣ ସଦୃଶ ବାଲ ଦେବଗଣ ଉଦ୍ଦେଶ୍ୟରେ ଛାଞ୍ଚରେ ଢଳା ପ୍ରତିମା ନିର୍ମାଣ କଲେ । ଉପତ୍ୟକାରେ ଧୂପ ଜ୍ୱଳାଇଲେ ଏବଂ ସଦାପ୍ରଭୁ ଈଶ୍ରାୟେଲ ସନ୍ତାନଗଣ ସମ୍ମୁଖରେ ଯେଉଁ ଅନ୍ୟ ଦେଶୀୟମାନଙ୍କୁ ଦୂର କରିଥିଲେ ସେମାନଙ୍କର ପ୍ରଥାନୁଯାୟୀ ଆପଣା ସନ୍ତାନଗଣଙ୍କୁ ଅଗ୍ନିରେ ଦଗ୍ଧ କଲେ । ( ୨ୟ ବଂଶାବଳୀ ୨୫ : ୨, ୩, ୨ୟ ରାଜାବଳୀ ୧୬ : ୩ ) । ଆପଣା ନେତୃମାନଙ୍କ ବିଧି ଅନୁସରଣ କରି ସେମାନଙ୍କ ସନ୍ତୋଷ ପାତ୍ର ହୋଇ ସେମାନଙ୍କ ସହିତ ଶାନ୍ତିରେ ବାସ କରିବା ଆହସଙ୍କ ଉଦ୍ଦେଶ୍ୟ ଥିଲା ।

ଆପଣା ପ୍ରେମମୟ ପିତା ପରମେଶ୍ୱରଙ୍କ ଅନୁକରଣ ନକରି ପରିବର୍ତ୍ତନୀୟ ଓ ଅସ୍ଥିର ମାନବମାନଙ୍କ ଅନୁକରଣ କରିବା ଆହସଙ୍କ ପକ୍ଷରେ କେତେ ମୂର୍ଖତାର ବିଷୟ ! ସେ ପରମେଶ୍ୱରଙ୍କ ଭୁଲି, ମନୁଷ୍ୟମାନଙ୍କ ଅନୁକରଣ କରିବା ଅଧିକ ଶ୍ରେୟସ୍କର ମନେ କରି ପରମେଶ୍ୱରଙ୍କ କ୍ରୋଧର କାରଣ ହେଲେ .... ସେ (ଆହସ) ଆପଣା ପୂର୍ବ ପୁରୁଷ ଦାଉଦଙ୍କ ପରି ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ କର୍ମକଲେ ନାହିଁ ।' ( ୨ୟ ରାଜାବଳି ୧୬ : ୨ ) ପରମେଶ୍ୱରଙ୍କ ଯାଜକ ଯଦ୍ୱାରା ତାଦବ ବିଜାତୀୟମାନଙ୍କ ବିଧିବିଧାନର ଅନୁକରଣ କରି, ତାହାଂକ ଆଜ୍ଞା ଅମାନ୍ୟ କରିବା ଦ୍ୱାରା ପରମେଶ୍ୱରଙ୍କ କ୍ରୋଧର ପାତ୍ର ହେଲେ । ବିଜାତୀୟ ପ୍ରଥା ଅମାନ୍ୟ କରିବାରେ ଉପ୍ୟୁକ୍ତ ହେଲେ କାରଣ ସେ ପରମେଶ୍ୱରଙ୍କ ଶରଣାଗତ ନ ହୋଇ ବିଜାତୀୟମାନଙ୍କ ଅନୁକାରୀ ହେଲେ ।

ଆହସ ପରମେଶ୍ୱରଙ୍କ ଅନୁକାଂକ୍ଷୀ ନ ହୋଇ ବିଜାତୀୟ ମାନବମାନଙ୍କ ଅନୁକାଂକ୍ଷୀ ହେବାକୁ ପସନ୍ଦ କରିଥିବାରୁ ତାହାଙ୍କୁ ଅନେକ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତାହା କେବଳ ନୁହେଁ, ସେ ନିଜେ ଭ୍ରଷ୍ଟ ହୋଇ ଆପଣା ପ୍ରଜାମାନଙ୍କ ଅଭ୍ରଷ୍ଟ କରିବା ନିମନ୍ତେ ମନ୍ଦିରର ଦ୍ୱାର ବନ୍ଦ କରାଇଥିଲେ । ମହାରାଜ ଦାଉଦ ବଂଶକ ଆହସଙ୍କୁ ପରମେଶ୍ୱରଙ୍କ ଆଜ୍ଞା ଓ ଉପାସନା ନିରସ ମନେ ହେଲା । ବାକ୍ୟ କହେ ।' ଆହସ ପରମେଶ୍ୱରଙ୍କ ଗୃହରେ ପାତ୍ରସକଳ ଏକତ୍ର କଲେ ଓ ପରମେଶ୍ୱରଙ୍କ ଗୃହର ପାତ୍ରସବୁ କାଟି ଖଣ୍ଡ ଖଣ୍ଡ କଲେ ଓ ସଦାପ୍ରଭୁଙ୍କ ଗୃହର କବାଟ ସବୁ ବନ୍ଦ କଲେ । ପୁଣି ସେ ଯିରୁଶାଲମରେ ପ୍ରତ୍ୟେକ କୋଣରେ ଆପଣା ପାଇଁ ଯଜ୍ଞବେଦି ନିର୍ମାଣ କଲେ ।' ( ୨ୟ ବଂଶାବଳୀ ୨୮ : ୨୪ ) ।

ବିଜାତିୟମାନଙ୍କ ଦେବଗଣ ବିଧିବିଧାନ ଅନୁକରଣ କରି ଆହସ ସେମାନଙ୍କ ସହିତ ଶାନ୍ତିରେ ବାସ କରିବାର ସ୍ୱପ୍ନ ଅଳ୍ପକାଳ ପର୍ଯ୍ୟନ୍ତ ଥିଲା ଏବଂ ତାର ପ୍ରତିଫଳେ ସଦାପ୍ରଭୁ ପରମେଶ୍ୱର ତାହାଙ୍କ ଆରାମ ରାଜାର ହସ୍ତରେ ସମର୍ପଣ କଲେ, ସେମାନେ ତାଙ୍କୁ ପରାସ୍ତ ଓ ତାଂକର ଅସଂଖ୍ୟ ଲୋକଙ୍କୁ ବନ୍ଦୀକରି ଦମ୍ମେଶକକୁ ନେଇଗଲେ । ଆହସଙ୍କ ବିକ୍ରମଶାଳୀ ଏକଲକ୍ଷ କୋଡ଼ିଏ ହଜାର ଲୋକଙ୍କୁ ଇସ୍ରାଏଲ ରାଜା ପେକହ ଏକ ଦିନରେ ବଧ କରିଥିଲା । କାରଣ ସେମାନେ ସଦାପ୍ରଭୁ ଆପଣାମାନଙ୍କ ପୂର୍ବପୁରୁଷଗଣର ପରମେଶ୍ୱରଙ୍କୁ ପରିତ୍ୟାଗ କରିଥିଲେ । ଏତେ ଦୁର୍ଘଟଣା ଘଟିବା ସତ୍ତ୍ୱେ ଆହସ ପରମେଶ୍ୱରଙ୍କ ନିକଟରେ ଆପଣାକୁ ନତ କଲେ ନାହିଁ ।

ସଦାପ୍ରଭୁଙ୍କ ଗୃହର ସୁନା ଓ ରୂପା ଭେଟି ରୂପେ ଅଶ୍ୱର ରାଜା ନିକଟକୁ ଯାଇ ଆହସ ରାଜା ତାହାଙ୍କ ଶରଣାଗତ ହେବାରୁ ହେବାରୁ ସେ ତାହାଙ୍କ ବିଜୟୀ ହେବାରେ ସାହାଯ୍ୟ କଲେ । 'ଏଥି ଉତ୍ତାରେ ଆହସ ରାଜା ଅଶ୍ୱରର ରାଜା ତିଗ୍ଲତ୍ ପିଲେଷରଙ୍କୁ ସାକ୍ଷାତ କରିବା ପାଇଁ ଦମେଶକକୁ ଗଲେ ଓ ଦମ୍ମେଶକରେ ଥିବା ଯଜ୍ଞବେଦି

ଦେଖିଲେ, ତହିଁରେ ଆହସ ରାଜା ସେହି ଯଜ୍ଞବେଦିର ସକଳ ଶିଳ୍ପ-କର୍ମାନୁସାରେ ତହିଁରେ ଆକୃତି ଓ ନମୁନା ଊରୀୟ ଯାଜକ ନିକଟକୁ ପଠାଇଲେ ।’ ( ୨ ରାଜାବଳି ୧୬ : ୧୦-୧୬ ) କାରଣ ତଦ୍ଦ୍ୱାରା ତାଙ୍କର ମଙ୍ଗଳ ହେବ ବୋଲି ରାଜାଙ୍କର ବିଶ୍ୱାସ ଥିଲା । ( ୨ୟ ବଂଶାବଳୀ ୨୮ : ୨୩ ) ତତ୍ପରେ ଅଶୂରର ଦେଶରୁ ବିଭିନ୍ନ ପ୍ରଦେଶରୁ ଲୋକେ ଆସି ଇଶ୍ରାୟେଲରେ ନିବାସ ଆରମ୍ଭ କଲେ ଓ ବିଜାତୀୟ ଦେବଗଣର ଉପାସନା ଆରମ୍ଭ ହେଲା । ଆହସଙ୍କ ଅଜ୍ଞାନତାର ଫଳେ ଇଶ୍ରାୟେଲର ପବିତ୍ର ଭୂମିରେ ବିଜାତୀୟମାନେ ଉପାସିତ ହେଲେ । ଦୁର୍ବଳ ଆହସ ପରମେଶ୍ୱରଙ୍କ ଅନୁକାରୀ ନ ହୋଇ ବିଜାତୀୟ ଦେବଗଣର ଓ ବିଧିବିଧାନର ଅନୁକାରୀ ହେବାରୁ ତାହାଙ୍କ ଅଧଃପତନ ହୋଇଥିଲା ।

ଆହସଙ୍କ ପରେ ତାହାଙ୍କ ପୁତ୍ର ହିଜକିୟ, ୨୫ ବର୍ଷ ବୟସରେ ରାଜତ୍ୱ ଆରମ୍ଭ କଲେ । ପରମେଶ୍ୱର ବିଧିବିଧାନରେ ଆପଣା ମାତା ଅବିଜା ଦ୍ୱାରା ସୁଶିକ୍ଷିତ ହିଜକିୟ ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ରୂପେ ଜୀବନ ଯାପନ କରିବାକୁ ଦୃଢ଼ ମନସ୍ଥ ଥିଲେ ପରମେଶ୍ୱରଙ୍କ ଆଜ୍ଞା ଅନୁସରଣକାରୀ ହିଜକିୟ ଆପଣା ଦେଶର ସମସ୍ତ ବିଜାତୀୟ ଦେବଗଣର ବିଧିବିଧାନ ଓ ଉପାସନା ବିଲୁପ୍ତ କରିବାରେ ଅଗ୍ରସର ହେଲେ । ତାହାଙ୍କ ରାଜତ୍ୱର ପ୍ରଥମ ବର୍ଷର ପ୍ରଥମ ମାସରେ ମନ୍ଦିର ଦ୍ୱାର ଖୋଲିବାର ଆଜ୍ଞା ଜାରୀ ହେଲା ( ଦ୍ୱିତୀୟ ବଂଶାବଳୀ ୨୯ : ୩ ) । ବିଶେଷରେ ଆପଣ ଆପଣାକୁ ପରମେଶ୍ୱରଙ୍କ ଗୃହ ପବିତ୍ର କରିବା ନିମନ୍ତେ ଲେବୀୟମାନେ ଆଜ୍ଞାପିତ ହେଲେ । ଯାହାକି ସେମାନେ ୧୬ ଦିନ ମଧ୍ୟରେ ସମାପ୍ତ କରିଥିଲେ । ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞା ପ୍ରମାଣେ ଯାଜକମାନେ ମନ୍ଦିରରେ ଉପାସନା ଆରମ୍ଭ ନିମନ୍ତେ ପ୍ରତ୍ୟେକ ବିଷୟ ଆୟୋଜନ କରି ହିଜକିୟଙ୍କୁ ଜଣାଇଲେ । ( ୨ୟ ବଂଶାବଳୀ ୨୯ : ୧୯ ) ସଦାପ୍ରଭୁଙ୍କ ନିୟମାବଳୀରେ କୌଣସି ପ୍ରକାର ପରିବର୍ତ୍ତନର ଆବଶ୍ୟକ ନାହିଁ ବୋଲି ହିଜକିୟ ଜାଣି ପାରିଥିଲେ । ବିପଥଗାମୀ ହେବାର ଫଳ ସେ ଆପଣା ପ୍ରଜାମାନଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ । ଯାଜକମାନଙ୍କ ଉପଦେଶ

ଓ ପ୍ରାର୍ଥନାର ବଳ ସାହାଯ୍ୟରେ ସେ ପରମେଶ୍ୱରଂକ ଦୃଷ୍ଟିରେ ଧାର୍ମିକ ଜୀବନ ଯାପନ କରି ଆପଣା ଦେଶ ପ୍ରଜାଂକର ମଙ୍ଗଳ କରିଥିଲେ । ବାକ୍ୟ ତାହାଂକ ବିଷୟରେ କହେ । ସେ ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱରଂକ ଠାରେ ବିଶ୍ୱାସ କଲେ, ତାଂକର ପରବର୍ତ୍ତୀ ଯିହୁଦାର ସମସ୍ତ ରାଜାଂକ ମଧ୍ୟରେ କେହି ତାଂକ ପରି ନଥିଲେ, କିଅବା ତାଂକର ପୂର୍ବବର୍ତ୍ତୀମାନଂକ ମଧ୍ୟରେ କେହି ନଥିଲେ ।' ( ୨ୟ ରାଜାବଳି ୧୮ : ୫ ) ।

ହିଜକିୟ ଆପଣା ଦେଶ ସୁସ୍ଥିର କରି ଅଶୂରର ରାଜାଂକ ବିଦ୍ରୋହି ହୋଇ ତାହାଂକ ସେବା କଲେ ନାହିଁ କାରଣ ସେ ସଦାପ୍ରଭୁଂକ ଶରଣ ନେଇଥିଲେ ଓ ସେ ତାହାଂକ ସହବର୍ତ୍ତୀ ହୋଇଥିଲେ । ଅଶୂରୀୟମାନେ ହିଜକିୟଙ୍କୁ ମହା ସୈନିକ ବଳ ସହିତ ଆକ୍ରାନ୍ତ କରିବାକୁ ଉଦ୍ୟତ ଥିବା ବେଳେ ସଦାପ୍ରଭୁଂକ ଜଣେ ଦୂତ ବାହାରି ଅଶୂରୀୟମାନଂକ ଛାଉଣୀରେ ଏକଲକ୍ଷ ଅଶୀ ସହସ୍ର ବଧ କଲେ ଏବଂ ଅଶୂର ରାଜା ଆପଣା ନିଜ ଦେବତାର ପୂଜା କଲାପରେ ପୁତ୍ରମାନଂକ ଦ୍ୱାରା ହତ ହେଲେ । ( ୨ୟ ରାଜାବଳୀ ୧୯ : ୩୫–୩୭ ) ସଦାପ୍ରଭୁଂକଠାରେ ବିଶ୍ୱାସ ଓ ଭରସା ଦ୍ୱାରା ରାଜା ହିଜକିୟ ବିଜୟୀ ହୋଇଥିଲେ ।

—Paul Mobley

# ଖ୍ରୀଷ୍ଟଙ୍କ ପ୍ରେରିତଗଣ

## ( The Apostles of Christ )

ଖ୍ରୀଷ୍ଟଙ୍କ ପ୍ରେରିତମାନଙ୍କ ବିଷୟରେ ଆମେ ବାଇବଲ୍‌ରେ ପଢ଼ିପାରୁ ପ୍ରେରିତ ପଦ 'ଆପୋସ୍ତଲିନ୍' ବୋଲି ଗ୍ରୀକ୍ ପଦରୁ ଅନିତ । ପ୍ରେରିତ ଅର୍ଥ ପ୍ରେରେପିତ ହେବା ବ୍ୟକ୍ତି କିମ୍ବା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ନିମନ୍ତେ ପ୍ରେରେପିତ ହେବା ଏହାର ଅର୍ଥ । ସୁସମାଚାର ପ୍ରଚାର କରିବା ନିମନ୍ତେ ଯୀଶୁ ୧୨ ଜଣଙ୍କୁ ମନୋନୀତ କଲେ ( ମାର୍କ ୩ : ୧୪ ) । ତେଣୁ ସେମାନେ ପ୍ରେରିତ ବୋଲି ଡକାଗଲେ । ପ୍ରେରିତମାନଙ୍କ ବିଷୟରେ ଆମେ ଯଥା ଯୋଗ୍ୟ ମନୋଯୋଗ କରି ନଥାଉ । ସେମାନଙ୍କ ସମ୍ବନ୍ଧରେ ଯେତିକି ଜାଣିବା କଥା ସେତିକି ଆମେ ଜାଣି ପାରୁନଥାଉ । ଯୀଶୁ ସେମାନଙ୍କୁ ମନୋନୀତ କରି ସେମାନଙ୍କୁ ସେ ଅତି ଆଗ୍ରହରେ ତାଲିମ ଦେଇଥିଲେ । ଏତିକି ମାତ୍ର ନୁହେଁ, ଏ ଜଗତରେ ପ୍ରଚାର କରୁଥିବା ସମୟରେ ସେ ସେମାନଙ୍କଠାରୁ କେତେ ବାଧା ସହ୍ୟ କଲେ ଏବଂ ସମଗ୍ର ଜଗତରେ ସୁସମାଚାର ପ୍ରଚାର କରିବା ଭାର ସେମାନଙ୍କ ଉପରେ ଥୋଇଲେ । ଏଣୁ ସେମାନଙ୍କୁ ଆଦର୍ଶ ଆମ୍ଭେମାନେ ଅନୁସରଣ କରୁ ।

ସେହି ୧୨ଜଣ ପ୍ରେରିତମାନଙ୍କ ନାମ ଏହି ଶିମୋନ ପିତର ଯାକୁବ, ଯୋହନ, ଆନ୍ଦ୍ରିୟ, ଫିଲିପ୍ପ, ବାର୍ଥଲମୀ, ମାଥିଉ, ଥୋମା ଆଲଫିଙ୍କ ପୁତ୍ର ଯାକୁବ, ଥଦ୍ଦୀୟ, କଣାନୀୟ ଶିମୋନ, ଇଷ୍କାରିୟୋଥ ଯିହୁଦା ( ମାର୍କ ୩ : ୧୬ ୧୯ ) । ଏହି ବାରଜଣ ପ୍ରେରିତ ସେହି ସମୟର ଯିହୁଦୀ ଧର୍ମଗୁରୁ ଦ୍ୱାରା ନିର୍ବାଚିତ କିମ୍ବା ନିମ୍ନ ଜାତିରୁ ମଧ୍ୟ ନିର୍ଦ୍ଧାରିତ ହୋଇନାହାନ୍ତି । କିନ୍ତୁ ସେମାନେ ସାମାନ୍ୟ ଲୋକମାନଙ୍କଠାରୁ ନିର୍ଦ୍ଧାରିତ ହେଲେ । ରବ୍ବିମାନଙ୍କ ପରି ସେମାନେ ବିଦ୍ୟାବନ୍ତ ନୁହନ୍ତି କିମ୍ବା ଅଶିକ୍ଷିତ ନୁହନ୍ତି । କାରଣ ଯିହୁଦୀ ପିଲାମାନଙ୍କୁ ସମାଜ ମନ୍ଦିରର ପାଠଶାଳାରେ ସେହି ସମୟରେ ବିଦ୍ୟା ଶିକ୍ଷା ଦିଆ ଯାଉଥିଲା ଏଣୁ ସେମାନେ ବିଦ୍ୟାନଥିବା ଅଶିକ୍ଷିତ ନୁହନ୍ତି ।

ସେମାନଙ୍କ ମଧ୍ୟରୁ କେତେକ ଅର୍ଥାତ୍ ପିତର, ଆନ୍ଦ୍ରିୟ, ଯାକୁବ, ଯୋହନ ଏମାନେ କେଉଟ । ଶିମୋନଙ୍କୁ ଗୋଟିଏ ଡ଼ଙ୍ଗା ଥିଲା । ସେହି ଡ଼ଙ୍ଗାରେ ତାଙ୍କ ସହିତ ଅନ୍ୟ କେତେକ ବେତନକାରୀଙ୍କୁ ରଖିଥିଲେ । ଏଥିଦ୍ୱାରା ଜାଣିପାରୁ ଯେ, ସେମାନେ ଆର୍ଥିକ ଭାବେ ବ୍ୟବସାୟରେ ପଛୁଆ ନଥିଲେ ( ମାର୍କ ୧ : ୧୬-୨୦ ), ( ଲୂକ ୫ : ୧-୧୧ ) ମାଥିଉ ଜଣେ କରଗ୍ରାହୀ, ଅର୍ଥାତ୍ ସେ କର ଆଦାୟକାରୀ ( ମାଥିଉ ୯ : ୯, ଲୂକ ୫ : ୨୭ ) । ପ୍ରେରିତମାନଙ୍କ ଜୀବନ ବିଷୟରେ, ସେମାନଙ୍କ କୃଷି ବିଷୟରେ ବାଇବଲ ଅତି ଅଳ୍ପଭାବରେ ଆମକୁ ଜଣାଉଛି । ସେମାନଙ୍କ ବ୍ୟକ୍ତିଗତ ଚରିତ୍ର ଅପେକ୍ଷା, ସେମାନଙ୍କ କାର୍ଯ୍ୟ ଏବଂ ପରିଚୟ ଆମ୍ଭେ ଅଧିକ ରୂପେ ଜାଣିବା ଭଲ ।

ଦ୍ରୋହୀ ଅପେକ୍ଷା ଦ୍ୱେଷୀ, ଆଉ କେହି ନାହିଁ । ପୁଣି ଆପଣା ମାଲିକଙ୍କୁ ସମର୍ପଣ କରିବା ଲୋକର ଜୀବନ ଅଶୋଚନୀୟ । ପ୍ରେରିତମାନଙ୍କ ଦଳରୁ ଇଷ୍କାରିୟୋଥ ଯିହୁଦା ନାମ ସବୁବେଳେ ଶେଷଭାଗରେ ଦେଖିପାରୁ ଥାଉଁ । ଖ୍ରୀଷ୍ଟଙ୍କ ଦ୍ୱାରା ମନୋନୀତ ହୋଇ ଅବଶିଷ୍ଟ ଲୋକମାନଙ୍କ ସଦୃଶ୍ୟ ଶକ୍ତିପ୍ରାପ୍ତ ହୋଇ ଯିହୁଦୀମାନଙ୍କ ନିକଟକୁ ପଠାଗଲେ ( ମାଥିଉ ୧୦ : ୪-୧୫ ) । ତାଙ୍କୁ ସମର୍ପଣ କରିବା ଇଷ୍କାରିୟୋଥ ଯିହୁଦା ବୋଲି ମାଥିଉ, ମାର୍କ ସୁସମାଚାରରେ ଲିଖିତ ବାକ୍ୟରେ ଦେଖି ପାରୁଛୁ । ଦ୍ରୋହୀ ଇଷ୍କାରିୟୋଥ ଯିହୁଦା ବୋଲି ଲୂକ ତାଙ୍କ ବିଷୟରେ ଲେଖିଲେ ( ଲୂକ ୬ : ୧୬ ) । ଶିଷ୍ୟମାନଙ୍କ ଟଙ୍କା ଝୁଲି ତାଙ୍କ ହାତରେ ଥିଲା । ସେ ତାଙ୍କର ପ୍ରୟୋଜନୀୟ ଖର୍ଚ୍ଚ ଏବଂ ବ୍ୟକ୍ତିଗତ ଆବଶ୍ୟକୀୟ ଖର୍ଚ୍ଚ ସେଥିରୁ କରୁଥିଲା । ସେ ଖ୍ରୀଷ୍ଟଙ୍କ ମିତ୍ର ରୂପେ କୁହାଯାଉଥିଲେ ସୁଦ୍ଧା ଏ ସ୍ୱାର୍ଥପରତା ଲୋଭୀ ବୋଲି ଲୋକେ ବାରି ପାରୁଥିଲେ । ଯୀଶୁ ଖ୍ରୀଷ୍ଟଙ୍କ ପାଦରେ ମାରଥା ବିଶୁଦ୍ଧ ଜଟାମାଂସୀ ତୈଳ ଦେଢ଼ଶ ଟଙ୍କାରେ ବିକ୍ରୟ କରାଯାଇ କାହିଁକି ଦରିଦ୍ରମାନଙ୍କୁ ଦିଆ ନଗଲା ? ସେ ଯେ ଏପରି କହିବା ଦରିଦ୍ରମାନଙ୍କ ପ୍ରତି ଚିନ୍ତାପାଇଁ ନୁହେଁ । କିନ୍ତୁ ସେ ଜଣେ ଚୋର ହୋଇ ତାଂକ ନିକଟରେ ଟଂକା ଥଳି ଥିବାରୁ, ସେଥିରେ ଯାହା ଯାହା ରଖାଯାଇଥିଲା ତାହା ସେ

ଗ୍ରେହର ନେଉଯାଉଥିଲ । ଏଣୁ ସେ ଏପରି କହିଲ' ( ଯୋହନ ୧୨ : ୧-୬ ) । ଇଷ୍କାରିୟୋଥ ଯିହୁଦା ୧୨ ଜଣ ପ୍ରେରିତମାନଙ୍କ ମଧ୍ୟରୁ ଜଣେ ବୋଲି ଗଣନା କରାଯିବା ସଙ୍ଗେ ସଙ୍ଗେ ସେବାପଦରେ ଅଂଶ ଗ୍ରହଣ କରିଥିଲ ବୋଲି ପିତର କହିଲେ ( ପ୍ରେରିତ ୧ : ୧୭ ) ଇଷ୍କାରିୟୋଥ ଯିହୁଦାଙ୍କର ଠାରେ ଶୟତାନ ପ୍ରବେଶ ହେଲ ( ଯୋହନ ୧୩ : ୧୩ : ) । ଟଙ୍କା ନିମନ୍ତେ ସେ ପ୍ରଭୁଙ୍କୁ ସମର୍ପଣ କଲେ ( ମାଥିଉ ୨୬ : ୧୫ ) ତାପରେ ସେ ଫାଶି ହୋଇ ମୃତ୍ୟୁ ବରଣ କଲେ ( ମଥିଉ ୨୭-୫) ତାଙ୍କର ପାପ ବିଷୟରେ ପିତର କହିଲେ ଯିହୁଦା ହଜିଯାଇଛି ବା ପତିତ ହୋଇଛି ( ପ୍ରେରିତ ୧ : ୨୫ ) ।

ଯିହୁଦା ହରାଇଥିବା ପ୍ରେରିତ ପଦକୁ, ପ୍ରେରିତମାନଙ୍କ ସମସ୍ତ ଯୋଗ୍ୟତା ତଥା ଅଂଶ ଗ୍ରହଣ କରିଥିବା ମଥିୟଙ୍କ ନାମରେ ନିର୍ଣ୍ଣୟ ହେବାର ଆମେ ପ୍ରେରିତ ବିବରଣ ପ୍ରଥମ ଅଧ୍ୟାୟରେ ଦେଖିପାରୁଛୁ । ( ପ୍ରେରିତ ୧ : ୨୬ ) । ପ୍ରେରିତ ହେବା ବ୍ୟକ୍ତି ଖ୍ରୀଷ୍ଟଙ୍କର ପୁନରୁ-ଥାନର ସାକ୍ଷୀ ହେବା ଆବଶ୍ୟକ ବୋଲି ପିତର କହିଥିଲେ ( ପ୍ରେରିତ ୧ : ୨୨ ) । ସେହିପରି ଯୋଗ୍ୟତାଥିବା ଦୁଇଜଣ ବ୍ୟକ୍ତି, ଯୋସେଫଙ୍କୁ ଯାହାଙ୍କୁ ବର୍ଶବ୍ବା ବୋଲି କୁହନ୍ତି । ମାଥିୟଙ୍କୁ ପୃଥକ୍ କରି ହେ ସର୍ବାନ୍ତର୍ଯାମୀ ତୁମ୍ଭେ ମନୋନୀତ କରି ଦେଖାଇଦିଅ ବୋଲି ପ୍ରାର୍ଥନା କରି ସେହି ଦୁଇଜଣଙ୍କ ନିମନ୍ତେ ଗୁଲିବାଣ୍ଟ କରିବାରୁ ମଥିୟନାମରେ ଗୁଲିଉଠିଲ । ସେଥିରେ ସେ ଏକାଦଶ ପ୍ରେରିତଙ୍କ ସହିତ ଗଣିତ ହେଲେ ( ପ୍ରେରିତ ବିବ ୧ : ୨୧-୨୬ ) ।

ଏହି ବାରଜଣ ପ୍ରେରିତମାନଙ୍କ ବ୍ୟତୀତ ପ୍ରେରିତ ପାଉଲଙ୍କ ବିଷୟରେ ମଧ୍ୟ ଆମେ ନୂତନ ନିୟମରେ ପଢ଼ିପାରୁ । ପ୍ରେରିତହେବା ବ୍ୟକ୍ତି ପ୍ରଭୁଙ୍କୁ ଦେଖିଥିବା ଆବଶ୍ୟକ ଥିଲ । ପ୍ରକୃତରେ ପାଉଲ ପ୍ରଭୁଙ୍କୁ ଦେଖିଲେ । ଆମ ପ୍ରଭୁ ଜଗତରେ ରହିଥିବା ସମୟରେ ସେ ତାଙ୍କ ଉପଦେଶ ପ୍ରାପ୍ତ ହୋଇ ନଥିଲେ ମଧ୍ୟ ପୁନରୁଥିତ ପ୍ରଭୁଙ୍କୁ ଦେଖିଲେ । 'ଅକାଳ ଜାତପରି ଜଣେ ଯେ ମୁଁ ସେ ମୋତେ ମଧ୍ୟ ଦର୍ଶନ ଦେଲେ' ବୋଲି ୧ମ କରନ୍ଥ ୧୫ : ୮ ରେ କହିଲେ । ପାଉଲଙ୍କ ପରେ ଆଉ କିଏ ପ୍ରେରିତ ଥିଲେ 'ସେ ସମସ୍ତଙ୍କ ଅପେକ୍ଷା ଶେଷରେ ଥିବା ଲୋକକୁ' ବୋଲି ବ୍ୟବହାର କରି ନଥାନ୍ତେ । ପରି ଶେଷରେ ପାଉଲଙ୍କୁ ଦେଖା ହୋଇ ତାପରେ ଆଉ କାହାକୁ ଦର୍ଶନ ନ

ହୋଇ ନଥିଲେ । ତେଣୁ କରି ବର୍ତ୍ତମାନ ପ୍ରେରିତର ଯୋଗ୍ୟତା ନଥାଇ ମଧ୍ୟ ପ୍ରେରିତ ରୂପେ ଡକାଯିବା ବାକ୍ୟ ବିରୁଦ୍ଧ ବିଷୟ । ( ସେ କାଳରେ ଜନ୍ମଗ୍ରହଣ କରି ପାଉଲ ତାଙ୍କ ବିଷୟରେ ଜଣାଇବା ଦ୍ୱାରା ସେ ସମାନ ଭାବେ ଅନ୍ୟ ପ୍ରେରିତମାନଙ୍କ ପରି ନ ହୋଇ ଅସାମାନ୍ୟ ରୂପେ ହୋଇଥିବା ପ୍ରେରିତ ବୋଲି ନିଜ ବିଷୟରେ ସାକ୍ଷ୍ୟ ଦେଉଛି ) । ପ୍ରଭୁଙ୍କ ମୃତ୍ୟୁର ଅଳ୍ପ କିଛି ବର୍ଷରେ ସେ ଜନ୍ମଗ୍ରହଣ କରିଥିଲେ ସୁଧା ପ୍ରେରିତ ବୋଲି ଡକାଯିବାକୁ ଇଚ୍ଛୁକ ନଥିଲେ । ପ୍ରଭୁଙ୍କ ମୃତ୍ୟୁର ଦୁଇ ହଜାର ବର୍ଷ ପରେ ଆଜି ଅନେକ ପ୍ରେରିତ ବୋଲି ଡକାଯିବା ଏମାନଙ୍କ ବିଷୟ ର କଣ ? ଏମାନେ ମିଥ୍ୟା ପ୍ରେରିତ ନୁହନ୍ତି କି ?

ଦମ୍ମେସକ୍‌କୁ ଯାଉଥିବା ପଥମଧ୍ୟରେ ପ୍ରଭୁ ପାଉଲଙ୍କୁ ଦେଖା ହୋଇ 'ତୁମ୍ଭେ ଆମ୍ଭର ଯେଉଁ ଯେଉଁ ଦର୍ଶନ ପାଇଅଛ ଓ ପାଇବ ସେହି ସମସ୍ତ ବିଷୟରେ ସାକ୍ଷୀସ୍ୱରୂପେ ମନୋନୀତ କରିବା ଉଦ୍ଦେଶ୍ୟରେ ତୁମ୍ଭକୁ ଦର୍ଶନ ଦେଇଅଛୁ' ( ପ୍ରେରିତ ୨୬ : ୧୬ ) ବୋଲି କହିଲେ ପ୍ରେରେପିତ ହେବା ପାଇଁ ପାଉଲଙ୍କୁ କୌଣସି ମନୁଷ୍ୟ କହିନଥିଲେ କିନ୍ତୁ ପ୍ରଭୁ ହିଁ ଆହ୍ୱାନ କଲେ । 'ମନୁଷ୍ୟ ଠାରୁ ନୁହେଁ କି ମନୁଷ୍ୟ ଦ୍ୱାରା ନୁହେଁ, କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱରଙ୍କ ଦ୍ୱାରା ନିର୍ବାଚିତ ପାଉଲ ମୁଁ ଅଟେ ......' ବୋଲି ସେ ଗାଲାତୀୟ ମାନଙ୍କୁ ଆପଣା ପରିଚୟ ଦିଅନ୍ତି ( ଗାଲାତୀ ୧ : ୧ ) ଅନ୍ୟ ପ୍ରେରିତମାନଙ୍କ ପରି ପରମେଶ୍ୱରଙ୍କ ଦେଶ ଦ୍ୱାରା ସେ ସୁସମାଚାର ପ୍ରାପ୍ତ ହେଲେ । 'ତାହା ମନୁଷ୍ୟର ମତାନୁଯାୟୀ ନୁହେଁ, ଯେଣୁ ମୁଁ ତାହା ମନୁଷ୍ୟଠାରୁ ପାଇନାହିଁ କିଅବା ଶିକ୍ଷା କରିନାହିଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟାଦେଶ ଦ୍ୱାରା ପାଇଅଛି' ବୋଲି ସେ କହିଲେ ( ଗାଲାତୀ ୧ : ୧୨ ) । ଅବଶିଷ୍ଟ ପ୍ରେରିତଗଣ ତାହାଙ୍କୁ କୌଣସି ଉପଦେଶ ଦେଇନାହାନ୍ତି ( ଗାଲାତୀ ୨ : ୧୬ ) ସେ ବିଜାତୀୟମାନଙ୍କ ନିକଟରେ ସୁସମାଚାର ପ୍ରଚାର ପାଇଁ ପ୍ରତ୍ୟେକ୍ଷଭାବେ ହେବା ପ୍ରେରିତ ( ଗାଲାତୀ ୨ : ୭ ୯ ପ୍ରେରିତମାନେ ସମଗ୍ର ଜଗତକୁ ଯାଇ ସର୍ବସୃଷ୍ଟିଙ୍କ ସୁସମାଚାର ପ୍ରଚାର କରିବା ପାଇଁ ମନୋନୀତ ବ୍ୟକ୍ତିଗଣ । ସେମାନେ କେବଳ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ । ସୁସମାଚାର ବିଶ୍ୱାସ କରି ବାପ୍ତିସ୍ମ ଗ୍ରହଣ କରିବା ଲୋକେ ରକ୍ଷାପ୍ରାପ୍ତ ହେବେ କି ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ବୋଲି ଯୀଶୁ କହିଲେ । ଆପଣ ସୁସମାଚାରର ଆଜ୍ଞାବହ ହେବାକୁ ଇଚ୍ଛା କରୁଛ କି ?

# THE CHRISTIAN'S INFLUENCE

## 1 Peter 2:21

INTRODUCTION :

1. Every one follows some one.
2. We are all influenced by others and we in turn influence those around us.
3. This is true in daily life.
4. This is likewise true in religion.
5 There is much power in example and influence.

DISCUSSION :

**I. Jesus is our great example.**

1. He is an example in all things:
   a In purity.
   b. In obedience.
   c. In humility.
   d. In prayer.
   e. In love.
   f. In suffering,
   g. In forgiveness.
2. He is our guide. (John 14:6).
3. He is our saviour. (Luke 19:10).
4. We are to follow in his steps. (1 Pet.2:21).

**II. The Bible may have a great influence on us.**

1. We need to study it.
2. It pictures the model man of God.
   a One of servive.
   b. One of trust..
   c. One of perseverance.
   d. One of honesty.
   e. One of caution.
   f. One of hospitality.
   g. One of work.

**III. The Christian may have a great influence on others.**

1. A little leaven leaveneth the whole lump.

2. Do all in the name of the Lord. (Col. 3:17).

3. Two kinds of example:

   a Bad.

      1. Bad language
      2. Dishonest.
      3. Hypocritical.
      4. Unfaithful.

   b. Good.

      1. Do good for evil.
      2. Always do right.
      3. Put the Lord first

CONCLUSION :

1. What kind of an example are you?
2. Are you using your influence for good?
3. Use the most powerful weapon you have for good.

- J. C. Choate.

---

From
SATYA VANI
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)